ରାଜା ରାମ କାଶ୍ୟପ ଏବଂ ଅନ୍ୟମାନେ

ବନାମ

ୟୁ. ପି. ରାଜ୍ୟ ଏବଂ ଅନ୍ୟଜଣେ

2009 ର ଫୌଜଦାରୀ ଆବେଦନ ସଂଖ୍ୟା 864

ଏପ୍ରିଲ 24,2009

**[ଡ. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ ]**

ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973-ଧାରା  320 (2)- ଦଣ୍ଡ ସଂହିତା ଅଧୀନରେ ଦଣ୍ଡନୀୟ ଅପରାଧକୁ ରଫାଯୋଗ୍ୟ କରି -ଅନୁମତି - ଆଇପିସିର ଧାରା 406 ଏବଂ 420 ଅନୁଯାୟୀ ଅପରାଧକୁ ରଫାଯୋଗ୍ୟ କରିବାକୁ ଚାହୁଁଥିବା ପକ୍ଷ ଏବଂ ପକ୍ଷ ମଧ୍ୟରେ ବିବାଦର ସମାଧାନ - ନିର୍ଣ୍ଣିତ : ଧାରା  320 (2) ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଥିବା ଅପରାଧକୁ ପୀଡ଼ିତାଙ୍କ ଦ୍ୱାରା ସେହି ନ୍ୟାୟାଳୟର ଅନୁମତି ଦ୍ୱାରା ରଫା ଯୋଗ୍ୟ କରାଯାଇପାରିବ ଯାହା ଉପଲକ୍ଷେ ଏପରି ଅପରାଧ ପାଇଁ ମକଦ୍ଦମା ବିଚାରାଧୀନ ରହିଛି-ପକ୍ଷମାନଙ୍କୁ ଧାରା  320 ଅନୁଯାୟୀ ଆବେଦନ ଦାଖଲ କରିବାକୁ ସ୍ୱାଧୀନତା ଦିଆଯାଇଛି ଏବଂ ସମ୍ପୃକ୍ତ ଅଦାଲତ ଏହି ମାମଲାର ବିଚାର କରିବେ l

ଫୌଜଦାରୀ ଆବେଦନ ଅଧିକରିତା : 2009ର ଫୌଜଦାରୀ ଆବେଦନ ସଂଖ୍ୟା 864

2008 ର ଅପରାଧିକ ବିବିଧ ଆବେଦନ ସଂଖ୍ୟା 4714 ରେ ଅହମ୍ମଦାବାଦର ମାନ୍ୟବର ଉଚ୍ଚ ନ୍ୟାୟାଳୟର 18.03.2008 ର ରାୟ ଏବଂ ଆଦେଶରୁ l

ଦୀନେଶ କୁମାର ଗର୍ଗ, ଆବେଦନକାରୀଙ୍କ ତରଫରୁ l

ରତ୍ନାକର ଦାସ, ଏସ୍. ଆକବର ଆବ୍ବାସ, ଅଦ୍ଧି, ଅନୁବ୍ରତ ଶର୍ମା, ଆର୍. ସି. କୌଶିକ, ଉତ୍ତରଦାତା ପାଇଁ ।

ନ୍ୟାୟାଳୟର ରାୟ ନ୍ୟାୟମୂର୍ତ୍ତି **ଡ. ଅରିଜିତ ପଶାୟତ**ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ଅନୁମତି ପ୍ରଦାନ କରାଗଲା ।

ଉଠାଯାଇଥିବା ଏକମାତ୍ର ପ୍ରଶ୍ନ ହେଉଛି ଯେ ଯେହେତୁ ପକ୍ଷମାନେ ସେମାନଙ୍କ ବିବାଦର ସମାଧାନ କରିଛନ୍ତି ଏବଂ ଅପରାଧକୁ ରଫାଯୋଗ୍ୟ କରିବାକୁ ଚାହୁଁଛନ୍ତି ଯଥା ଭାରତୀୟ ଦଣ୍ଡ ସଂହିତା, 1860 ର ଧାରା 406 ଏବଂ 420 (ସଂକ୍ଷେପରେ 'ଅଧିନିୟମ'), ନ୍ୟାୟଳୟ ଏହାକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତା,1973 ର ଧାରା 320 ର ଉପଧାରା (2) ଅନୁଯାୟୀ (ସଂକ୍ଷେପରେ 'ସଂହିତା') ଅନୁଯାଇ ଅନୁମତି ଦେବା ଉଚିତ୍ । ସାରଣୀରେ ଦର୍ଶାଯାଇଥିବା ଅପରାଧଗୁଡ଼ିକ ରଫାଯୋଗ୍ୟ ଏବଂ ଏହା ସୂଚିତ କରେ ଯେ କିଏ ସେହି ବ୍ୟକ୍ତି ଯାହାଙ୍କ ଦ୍ୱାରା ଅପରାଧକୁ ରଫାଯୋଗ୍ୟ କରାଯାଇପାରିବ ।

ସଂହିତାର ଉପଧାରା 320 ଯେତେଦୂର ପ୍ରାସଙ୍ଗିକ, ନିମ୍ନରେ ଦିଆଗଲା :

ନ୍ୟାୟାଳୟର ଅନୁମତି ସହିତ ନିର୍ଦ୍ଦିଷ୍ଟ ହୋଇଥିବା ଭାରତୀୟ ଦଣ୍ଡ ସଂହିତା (1860 ର 45) ର ଧାରା ଅନୁଯାୟୀ ଦଣ୍ଡନୀୟ ଅପରାଧ, ଯାହା ପୂର୍ବରୁ ଏପରି ଅପରାଧ ପାଇଁ କୌଣସି ମକଦ୍ଦମା ବିଚାରାଧୀନ ଅଛି, ଉଲ୍ଲିଖିତ ବ୍ୟକ୍ତିଙ୍କ ଦ୍ୱାରା ରଫାଯୋଗ୍ୟ କରାଯାଇପାରିବ ।

| ଅପରାଧ | ଧାରା | ଯେଉଁ ବ୍ୟକ୍ତିଙ୍କ ଦ୍ୱାରା ଅପରାଧ ଜଟିଳ ହୋଇପାରେ |
|---|---|---|
| ଆପରାଧିକ ବିଶ୍ୱାସ ଭଙ୍ଗ ଯେଉଁଠାରେ ସମ୍ପତ୍ତିର ମୂଲ୍ୟ {ଦୁଇ ଶହ ଟଙ୍କାରୁ ଅଧିକ ନୁହେଁ) | 406 | ଯେଉଁ ବ୍ୟକ୍ତି ଆହତ ହୋଇଛନ୍ତି |
| ପ୍ରତାରଣା ଏବଂ ଅସାଧୁ ଭାବରେ ସମ୍ପତ୍ତିର ପ୍ରଦାନକୁ ପ୍ରବର୍ତ୍ତାଇବା କିମ୍ବା ଏକ ମୂଲ୍ୟବାନ ପ୍ରତିଭୂତିର ଗଠନ, ପରିବର୍ତ୍ତନ କିମ୍ବା ନଷ୍ଟ କରିବା | 420 | ସମ୍ପତ୍ତିର ମାଲିକ । |

ଯଦି ପକ୍ଷମାନେ ସଂହିତାର ଧାରା 320 ଅନୁଯାୟୀ ରଫାଯୋଗ୍ୟ ପାଇଁ ଆବଶ୍ୟକ ଆବେଦନ ପତ୍ର ଦାଖଲ କରନ୍ତି, ତେବେ ସମ୍ପୃକ୍ତ ଅଦାଲତ ଏହି ମାମଲାକୁ ଉପଯୁକ୍ତ ଭାବରେ ବିଚାର କରିବେ । ଏହି ଅଦାଲତ ଦ୍ୱାରା ପାରିତ ମଧ୍ୟବର୍ତ୍ତୀକାଳୀନ ଆଦେଶ ତିନି ମାସ ପର୍ଯ୍ୟନ୍ତ ଜାରି ରହିବ ଯାହା ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ।

ସେହି ଅନୁଯାୟୀ ଆବେଦନଟିର ଫଏସଲା କରାଯାଇଥାଏ ।

ଏନ୍. ଜେ.

ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।